# Akashvani, Sambalpur

## SAMBALPURI NEWS BULLETIN

### 25 July 2024- 6.47- 6.52 am.

*********************************************

ପୂର୍ଣ୍ଣାଙ୍ଗ ରାଜ୍ୟ ବଜେଟ୍        ଆର୍ଏନ୍ୟୁ / ସମ୍ବଲପୁର

୨୦୨୪-୨୫ ଆର୍ଥିକ୍ ବଛର୍‌ର ପୂର୍ଣ୍ଣାଙ୍ଗ ରାଜ୍ୟ ବଜେଟ୍ ଆଏଜ୍ ବିଧାନ୍‌ସଭା ନ ଆଗତ୍ ହେବା । ଅର୍ଥ ବିଭାଗ୍ ଦାୟିତ୍ୱଥି ଥିବା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗୃହ ନ ବଜେଟ୍ ଉପସ୍ଥାପନ୍ କର୍‌ବେ । ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ରାଜ୍ୟର୍ ଅର୍ଥନୈତିକ ସର୍ଭେ ରିପୋର୍ଟ ୨୦୨୩-୨୪ ବାହାରିଥିଲା । ଇ ରିପୋର୍ଟଥି ୨୦୨୩-୨୪ ଆର୍ଥିକ୍ ବଛ୍‌ରେ ଓଡ଼ିଶାର୍ ଅର୍ଥନୀତି ୮ ଦଶ୍‌ମିକ୍ ୫ ପ୍ରତିଶତ୍ ବଢ୍‌ବା ବଲି ରାଜ୍ୟ ସର୍‌କାର୍ ଆକଲନ୍ କରିଛନ୍ ।

ରାଜ୍ୟ କେବିନେଟ ବୈଠକ୍        ଆର୍ଏନ୍ୟୁ / ସମ୍ବଲପୁର

ରାଜ୍ୟ କେବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ୍ ଗଲାକାଏଲ୍ ରାତି ହେଇଯାଇଛେ । କେବିନେଟ୍‌ଥି ଆଏଜ୍ ଉପସ୍ଥାପିତ୍ ହେବାର୍‌କେ ଥିବା ବଜେଟ୍‌କେ ଅନୁମୋଦନ୍ ମିଲିଥିବାର୍ ସୂଚ୍‌ନା ମିଲିଛେ । ଇତାର୍‌ସଙ୍ଗେ ସାଧାରଣ ପ୍ରଶାସନ୍, ଯୋଜନା ଆଉ ସଂଯୋଜନ, କୃଷି, ପଂଚାୟତିରାଜ୍ ବିଭାଗ୍ ଆର୍ ଶିକ୍ଷା ବିଭାଗ୍ ବାବ୍‌ଦେ କେତେଟା ପ୍ରସ୍ତାବ୍ ଉପ୍‌ରେ ମୋହର୍ ବାଜିଥିବା କୁହାଯାଉଛେ ।

ହିଣ୍ଡାଲ୍‌କୋ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ମେଟାଲ୍ ଫ୍ଲାଗ୍‌ସିପ୍ କମ୍ପାନୀ- ହିଣ୍ଡାଲ୍‌କୋ ଇଣ୍ଡିଷ୍ଟ୍ରିଜ୍ ଲିମିଟେଡ୍ ୨୫ ହଜାର୍ କୋଟିନୁ ଅଏତ୍‌କା ଟଙ୍କାର୍ ପୁଞ୍ଜିନିବେଶ୍ କର୍‌ବାର୍ ଯୋଜ୍‌ନା ରହିଛେ । ଗଲାକାଏଲ୍ ବିଧାନ୍‌ସଭା କାର୍ଯ୍ୟାଲୟ ନ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କୁ ଭେଟିକରି ହିଣ୍ଡାଲ୍‌କୋର ଓଡ଼ିଶା ସଭାପତି ଅର୍ଦ୍ଧେନ୍ଦୁ ମହାପାତ୍ର ଇ ସୂଚ୍‌ନା ଦେଇଛନ୍ । ହିଣ୍ଡାଲ୍‌କୋ ତର୍‌ଫୁ ସମ୍ବଲ୍‌ପୁର୍ ହୀରାକୁଦ୍ ଠାନେ ୬ ହଜାର୍ କୋଟି ଟଙ୍କା ଖର୍ଚ୍ଚାଥି ହଜାରେ ମେଗାୱାଟ୍‌ର ଫ୍ଲୋଟିଂ ସୌରଶକ୍ତି ପ୍ରକଳ୍ପ ତିଆର୍ ହେବା । ସେନ୍ତା ସମ୍ବଲ୍‌ପୁର୍ ଜିଲ୍ଲା ଲପଙ୍ଗା ଠାନେ ଥିବା ଆଦିତ୍ୟ ଆଲୁମିନିୟମ୍

ସ୍ମେଲ୍ଟର୍ ପ୍ଲାଂଟ୍ର ସମ୍ପ୍ରସାରଣ୍ ଲାଗି ୭୦ କୋଟି ଟଙ୍କା ଖର୍ଚ୍ଚା କରାଯାଉଛେ । ଇଟା ହେବାର୍ନୁ ସମ୍ବଲ୍ପୁର୍ ଇଲାକାର୍ ଅର୍ଥନୀତି ସୁଦୃଢ଼୍ ହେବାର୍ ସହେତେ ନୂଆଁ ପ୍ରକଳ୍ପ ଲାଗି ବହୁତ୍ଟେ ନିଯୁକ୍ତି ସୃଷ୍ଟି ହେବା ବଲି ହିଣ୍ଡାଲ୍କୋର ଓଡ଼ିଶା ସଭାପତି ଶ୍ରୀ ମହାପାତ୍ର କହିଛନ୍ ।

ଓଟିଇଟି -ପରୀକ୍ଷା ଘୁଁଚ୍ଲା ଆର୍ଏନ୍ୟୁ / ସମ୍ବଲପୁର

ଆଏବା ଅଗଷ୍ଟ ୯ ତାରିଖ୍ ଦିନ୍ ହେବାର୍କେ ଥିବା ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା - ଓଟିଇଟି ୨୦୨୪ କେ ଅଗଷ୍ଟ୍ ୧୭ ତାରିଖ୍କେ ଘୁଁଚେଇ ଦିଆଯାଇଛେ । ଇ ବାବ୍ଦେ ମାଧ୍ୟମିକ ଶିକ୍ଷା ବୋର୍ଡ୍ ତର୍ଫୁ ବିଜ୍ଞପ୍ତି ବାହାରିଛେ । ପରୀକ୍ଷା ତାରିଖ୍ ଘୁଁଚେଇ ଦିଆଯାଇଥିଲେ ଭିଲ୍ ସମୟ ନାଇଁ ବଦ୍ଲା ଯାଇ । ଓଟିଇଟି ପେପର୍-୧ ପରୀକ୍ଷା ସଖାଲର୍ ୯ ବଜେନୁ ମୁଲ୍ ହେଇକରି ସାଢ଼େ ୧୧ ବଜେତକ୍ ଚାଲ୍ବା । ସେନ୍ତା ୨ ନମ୍ବର୍ ଖେପର୍ ପରୀକ୍ଷା ଦୁଇପହର୍ର୍ ୨ ବଜେନୁ ମୁଲ୍ ହେଇକରି ଉପର୍ବେଲା ସାଢ଼େ ୪ ବଜେତକ୍ ଚାଲ୍ବା । ଇନ ଜନେଇ ଦିଆଯାଇପାରେ ଯେ, ଓଟିଇଟି -୨୦୨୩ ଲାଗି ରାଜ୍ୟର୍ ମୋଟ୍ ୧ ଲାଖ୍ ୨୫

ହଜାର୍‌ନୁ ଅଏତ୍‌କା ପରୀକ୍ଷାର୍ଥୀ ଆଦେବନ୍ କରିଛନ୍ । ପରୀକ୍ଷା ଲାଗି ୪ ଶହ ୨୦ ଟା ସେଂଟର୍ କରାଯାଇଛେ ।

ଫେଜ୍ - ଟୁ ବାଲାଷ୍ଟିକ୍ ମିସାଇଲ୍ ଡିଫେନ୍ସ ସିଷ୍ଟମ୍ କ୍ଷେପଣାସ୍ତ୍ର

ଆର୍‌ଏନ୍‌ୟୁ /ସମ୍ବଲପୁର

ବାଲେଶ୍ୱର୍‌ର ଚାନ୍ଦିପୁର୍ ଆଇ.ଟି.ଆର୍ ଠାନେ ଫେଜ୍ - ଟୁ ବାଲାଷ୍ଟିକ୍ ମିସାଇଲ୍ ଡିଫେନ୍ସ ସିଷ୍ଟମ୍ କ୍ଷେପଣାସ୍ତ୍ରର୍ ପରୀକ୍ଷାମୂଳକ୍ ପରୀକ୍ଷଣ୍ ସଫଲତାର୍ ସହେତେ ଗଲାକାଏଲ୍ ଶେଷ୍ ହେଇଛେ । ଚାନ୍ଦିପୁର୍ ଆଇ.ଟି.ଆର୍. ଠାନେ ଭୂଇଁନୁ ଆକାଶ୍‌କେ ଛଡ଼ାଯାଇଥିବା ଇ କ୍ଷେପଣାସ୍ତ୍ର ଭଦ୍ରକ୍ ଜିଲ୍ଲା ଧାମ୍‌ରାର୍ ଅବ୍‌ଦୁଲ୍ କଲାମ୍ ଦ୍ୱୀପନୁ ଉତ୍‌କ୍ଷେପଣ ହେଇଥିବା ଇଂଟର୍‌ସେପ୍ଟର୍ ମିସାଇଲ୍‌କେ ସଫଲତାର୍ ସହେତେ ଲକ୍ଷ୍ୟଭେଦ କରିଥିଲା । ଚାନ୍ଦିପୁର୍ ଡିଆର୍‌ଡିଓ ନୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଇ କମ୍ ଉଚାର୍ ସୁପର୍‌ସୋନିକ୍ ଇଂଟର୍‌ସେପ୍ଟର୍ ମିସାଇଲ୍‌କେ ଚାନ୍ଦିପୁର୍ ଆଇଟିଆର୍‌ର ୩ ନମ୍ବର୍ ଲଂଚ୍‌ପେଡ୍‌ନୁ ଉତ୍‌କ୍ଷେପଣ କରାଯାଇଥିଲା । ଅବ୍‌ଦୁଲ୍ କଲାମ୍ ଦ୍ୱୀପନୁ ୪ ବାଜିକରି ୨୦ ମିନିଟ୍‌ଥି ମିସାଇଲ୍ ଉତ୍‌କ୍ଷେପଣ୍ କରାଯାଇଥିବାର୍ ବେଲେ ଚାନ୍ଦିପୁର୍‌ନୁ ଛଡ଼ାଯାଇଥିବା କ୍ଷେପଣାସ୍ତ୍ର ତାକେ ୪

ବାଜିକରି ୨୪ ମିନିଟ୍‌ଥି ଲକ୍ଷ୍ୟଭେଦ କରିଥିଲା । ଫେଜ୍ - ଟୁ ବାଲାଷ୍ଟିକ୍ ମିସାଇଲ୍ ଡିଫେନ୍ସ ସିଷ୍ଟମ୍ କ୍ଷେପଣାସ୍ତ୍ର ପ୍ରତିରକ୍ଷା ଗବେଷଣା ଉନ୍ନୟନ୍ ସଂସ୍ଥାନ୍ ତର୍‌ଫୁ ସ୍ୱଦେଶୀ ଜ୍ଞାନ୍ କୌଶଲ୍ ଥି ବିକଶିତ୍ କରାଯାଇଛେ ।

ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ୍ - ଏନ୍‌ସିଏପି ଥି ଦେଶର୍ ଶହେ ୩୧ ଟା ସହର୍ ଭିତ୍‌ରେ ଓଡ଼ିଶାର୍ ୭ ଟା ସହର୍ ରାଉର୍‌କେଲା, ତାଲ୍‌ଚେର୍, ଅନୁଗୁଲ୍, ବାଲେଶ୍ୱର୍, କଳିଙ୍ଗନଗର୍, କଟକ୍ ଆର୍ ଭୁବନେଶ୍ୱର୍ ଠାନ୍ ପାଇଛେ । ଭୁବ୍‌ନେଶ୍ୱର୍ ନ ଗଲାକାଏଲ୍ ହେଇଥିବା ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ୍ ଆର୍ ବାୟୁ ଗୁଣବତା ଥିତି ଉପ୍‌ରେ ୫ ନମ୍ବର୍ ରାଜ୍ୟସ୍ତରୀୟ ପରିଚାଳନା କମିଟି ବୈଠକ୍‌ନୁ ଇ ବାବ୍‌ଦେ ସୂଚ୍‌ନା ମିଳିଛେ । ଇନ ଜନେଇ ଦିଆଯାଇପାରେ ଯେ, ୨୦୧୯ ମସିହାଥି ଦେଶେ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ୍ ମୁଲ୍ ହେଇଥିଲା । ଦେଶର୍ ଭିନ୍ ଭିନ୍ ସହର୍ ନ ବାୟୁର ଗୁଣାତ୍ମକ ମାନ ବଢ଼ାବାର୍‌ଟା ଇ କାର୍ଯ୍ୟକ୍ରମ୍‌ର ଲକ୍ଷ୍ୟ ଆଏ ।

ମନ୍ କି ବାତ୍ ଆର୍ଏନ୍ୟୁ/ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୮ ତାରିଖ୍ ରଏବାର୍ ଦିନ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇଟା ତାଙ୍କର୍ ଶହେ ୧୨ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ନରେନ୍ଦ୍ର ମୋଦୀ ଆପ୍ କି ମାଇ ଗଭ୍ ଓପନ୍ ଫୋରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଲୁକ୍‌କର୍ ଠାନୁ ଆଏବା ୨୬ ତାରିଖ୍‌ତକ୍ ମତାମତ୍ ଆହ୍ୱାନ୍ କରିଛନ୍ । ଇତାର୍‌ଛଡ଼ା ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ସେମାନେ ସେମାନ୍‌କର୍ ସନ୍ଦେଶ୍ ହିନ୍ଦୀ କି ଇଂରାଜୀଥି ରେକର୍ଡ୍ କରେଇପାର୍‌ବେ । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ଶୁନାଯାଇପାର୍‌ବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷଥି ଇତାର୍ ପ୍ରସାରଣ୍ କରାଯିବା ।

ପାଣିପାଗ ଆର୍‌ଏନ୍‌ୟୁ ସମ୍ବଲପୁର

ରାଏଜେ ମୌସୁମୀ ସକ୍ରିୟ ରହିଥିବାର୍‌ନୁ ବର୍ଷା ଜାରି ରହିଛେ । କଲାହାଣ୍ଡି, ବଲାଙ୍ଗିର୍, ବୌଦ୍ଧ, ସୁବର୍ଣ୍ଣପୁର୍, ସମ୍ବଲପୁର୍, ବର୍‌ଗଡ଼୍, ଦେବ୍‌ଗଡ଼୍, ଝାର୍‌ସୁଗୁଡ଼ା ସହେତେ ରାଜ୍ୟର୍ ୧୩ ଟା ଜିଲ୍ଲା ନ ଆଏଜ୍ ଜବର୍ ବର୍ଷା ହେବା ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର, ଭୁବ୍‌ନେଶ୍ୱର୍ ତର୍‌ଫୁ ସୂଚ୍‌ନା ମିଲିଛେ ।